Azadi Ka Amrit Mahotsav

G20 भारत 2023 INDIA

# 7TH NATIONAL MEDIA CONCLAVE 2023

**DIGI-TECH, MEDIA & DEMOCRACY**

November 21-23 | Bhubaneswar, India

# MEDIA DOSSIER

**ORGANISED BY**

IMS Institute of Media Studies ....Since 1994

UTKAL UNIVERSITY

www.inmc.org.in

**SUPPORTED BY**

ICSSR

**ACADEMIC PARTNER**

amic

Asian Media Information and Communication Centre

ସମ୍ବାଦ

## ଜାତୀୟ ଗଣମାଧ୍ୟମ ସମ୍ମିଳନୀ ଉଦ୍‌ଯାପିତ

# 'ଗଣମାଧ୍ୟମ ଓ ଗଣତନ୍ତ୍ର ମଧ୍ୟରେ ଡିଜି-ଟେକ୍ ସେତୁବନ୍ଧ'

ଚନ୍ଦ୍ରଶେଖରପୁର, ୨୩/୧୧(ଇମିସ): ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଡିଜି-ଟେକ୍(ଡିଜିଟାଲ ଟେକ୍ନୋଲୋଜି) ଉଭୟ ଗଣତନ୍ତ୍ର ଓ ଗଣମାଧ୍ୟମ ମାଧ୍ୟମରେ ସେତୁବନ୍ଧ ସାଜିବା ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିପାରିବ ବୋଲି ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍(ଆଇଏମ୍ଏସ୍) ଦ୍ୱାରା ଆୟୋଜିତ ୩ ଦିନିଆ ଜାତୀୟ ଗଣମାଧ୍ୟମ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁର୍ଗାନ୍ କହିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଗଣମାଧ୍ୟମର ବିକାଶ ଉପରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଏହା ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ରାଜ୍ୟ ସରକାର କ୍ଷେତ୍ର ପ୍ରସ୍ତୁତ କରୁଥିବା ସେ କହିଥିଲେ।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଯୁକ୍ତିବିଦ୍ୟା ଓ ଗଣମାଧ୍ୟମର ସମ୍ପର୍କ ଉପରେ ଆଲୋକପାତ କରିବା ସହ ଜନସାଧାରଣଙ୍କ ସହଭାଗିତା ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। କର୍ଣ୍ଣାଟକସ୍ଥିତ କୋପ୍ପାଲ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି କେ ରବି ଯୋଗଦେଇ ଗଣମାଧ୍ୟମ ଶିଳ୍ପ, ଶିକ୍ଷା ଓ ଗବେଷଣା ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥିବା କହିଥିଲେ। ଗାନ୍ଧୀନଗରସ୍ଥିତ ପଣ୍ଡିତ ଦୀନଦୟାଲ ଏନର୍ଜି ୟୁନିଭର୍ସିଟି ସ୍କୁଲ୍ ଅଫ୍ ଲିବରାଲ୍ ଷ୍ଟଡିଜ୍‌ର ପ୍ରଫେସର ପ୍ରଦୀପ ମଲିକ୍ ଯୋଗଦେଇ ଜୀବନର ବିଭିନ୍ନ ଦିଗ ଯଥା ରାଜନୀତି, ଗଣମାଧ୍ୟମ ଓ ଗଣତନ୍ତ୍ର କିପରି ଡିଜିଟାଲ୍ ଟେକ୍ନୋଲୋଜି ଦ୍ୱାରା ପ୍ରଭାବିତ ହେଉଛି ତାହା ଉପରେ ବର୍ଣ୍ଣନା କରିଥିଲେ। ପ୍ରେସ୍ କ୍ଲବ୍ ଅଫ୍ କଲିକତା ସଭାପତି ସ୍ନେହାଶିଷ ସୁର କହିଲେ ଡିଜିଟାଇଜେସନ୍ ସମଗ୍ର ବିଶ୍ୱକୁ ଗଣତାନ୍ତ୍ରିକ କରିଛି, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଏବେ କଣ୍ଟେଣ୍ଟ୍ ପ୍ରଦାନକାରୀ ସାଜିଛନ୍ତି। 'ଲିଙ୍ଗଗତ ସମାନତା, ଡିଜିଟାଲ ଇକୋ ସିଷ୍ଟମରେ ପ୍ରବେଶ ଓ ଅଂଶଗ୍ରହଣ' ଶୀର୍ଷକ ଆଲୋଚନାରେ 'ସମ୍ବାଦ'ର ସମ୍ପାଦକ ତନୟା ପଟ୍ଟନାୟକ ଯୋଗଦେଇ କହିଲେ, ଗଣମାଧ୍ୟମରେ ମହିଳା ପ୍ରସଙ୍ଗକୁ ଅଣଦେଖା କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଗଣମାଧ୍ୟମରେ ମହିଳାଙ୍କ ପ୍ରତିନିଧିତ୍ୱ ଓ ଚିତ୍ର ବଦଳିବା ଦରକାର। ଏକ ସନ୍ତୁଳିତ ଉପାୟରେ ଗଣମାଧ୍ୟମଗୁଡ଼ିକ ମହିଳାମାନଙ୍କ ଖବର ପରିବେଷଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ମାନସ୍ୱିନୀ ଯୋଗୀ ଯୋଗଦେଇ ଗଣମାଧ୍ୟମରେ ମହିଳାଙ୍କୁ ଠିକ୍ ଭାବେ ଚିତ୍ରଣ କରାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସୂଚନା ଦେଇଥିଲେ ଯେ ଏହି ସମ୍ମିଳନୀରେ ଭାରତ ସମେତ ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକରୁ ୧୩୦ରୁ ଅଧିକ ଗବେଷକ ୬ଟି ସମାନ୍ତରାଳ ଅଧିବେଶନରେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଆଇଏମ୍ଏସ୍‌ର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ଅଧ୍ୟାପକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଓ କିଟ୍ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ଭାରତର ବିଶେଷଜ୍ଞମାନେ ଯୋଗଦେଇ ଗଣମାଧ୍ୟମ ଓ ଗଣତନ୍ତ୍ରକୁ ଡିଜି-ଟେକ୍ ସହ ଯୋଡ଼ିବା ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି।



BHUBANESWAR Edition
Page No.16 November 24, 2023

ସକାଳ
THE SAKALA
DIGITAL

## ● ଜାତୀୟ ମିଡିଆ କନ୍‌କ୍ଲେଭ୍ ଉଦ୍‌ଯାପିତ

# 'ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ'

ଭୁବନେଶ୍ୱର, ୨୩।୧୧(ସମିସ)



ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍(ଆଇଏମ୍ଏସ୍) ଦ୍ୱାରା ଆୟୋଜିତ ତିନିଦିନିଆ ଜାତୀୟ ମିଡିଆ କନକ୍ଲେଭ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଓ କିଟ୍ ସହଯୋଗରେ ଆୟୋଜିତ ଏହି କନକ୍ଲେଭରେ ଆଭାସୀ ଯୋଗେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁର୍ଗାନ୍ ଯୋଗଦେଇ ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି କହିଥିଲେ। ଡିଜି-ଟେକ୍ ସହ ସେମାନଙ୍କର ସମ୍ପର୍କ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ସେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ସରକାର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ଓଡ଼ିଶାର ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ପ୍ରଯୁକ୍ତିବିଦ୍ୟା ଓ ଗଣମାଧ୍ୟମର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। କର୍ଣ୍ଣାଟକର କୋପ୍ପାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.କେ ରବି, ଗାନ୍ଧୀନଗରସ୍ଥିତ ପଣ୍ଡିତ ଦୀନଦୟାଲ ଏନର୍ଜି ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଲିବରାଲ୍ ଷ୍ଟଡିଜ୍‌ର ପ୍ରଫେସର୍ ପ୍ରଦୀପ ମଲିକ୍, ପ୍ରେସ୍ କ୍ଲବ୍ ଅଫ୍ କୋଲକାତାର ସଭାପତି ସ୍ନେହାଶିଷ ସୁର ପ୍ରମୁଖ ଉପସ୍ଥିତ ଥିଲେ। 'ଲିଙ୍ଗଗତ ସମାନତା, ଡିଜିଟାଲ ଇକୋସିଷ୍ଟମରେ ପ୍ରବେଶ ଓ ଅଂଶଗ୍ରହଣ' ଉପରେ 'ସମ୍ବାଦ' ର ସମ୍ପାଦକ ତନୟା ପଟ୍ଟନାୟକ ଆଲୋଚନା କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ମାନସ୍ୱିନୀ ଯୋଗୀ ଗଣମାଧ୍ୟମରେ ମହିଳାଙ୍କୁ ଠିକ ଭାବରେ ଚିତ୍ରଣ କରାଯାଉନାହିଁ ବୋଲି ଉଦବେଗ ପ୍ରକାଶ କରିଥିଲେ। କନକ୍ଲେଭର ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସୂଚନା ଦେଇ କହିଥିଲେ ଯେ ଭାରତ ସମେତ ଦକ୍ଷିଣ ଏସିଆ ରାଷ୍ଟ୍ରରୁ ୧୩୦ରୁ ଅଧିକ ଗବେଷକ ୬ଟି ସମାନ୍ତରାଳ ଅଧିବେଶନରେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ଅଧ୍ୟାପକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

ETV ଭାରତ
ଓଡିଶା
Odisha



## ଉଦଯାପିତ ହେଲା ସପ୍ତମ ଜାତୀୟ ମିଡିଆ କନ୍କ୍ଲେଭ

ETV Bharat Odisha Desk
Published: Nov 23, 2023, 10:54 PM
Follow Us




ସପ୍ତମ ଜାତୀୟ ମିଡ଼ିଆ କନକ୍ଲେଭ ୨୦୨୩ ର ଉଦଯାପନୀ ଉତ୍ସବ ଶେଷ ହୋଇଯାଇଛି । ଇନଷ୍ଟିଚ୍ୟୁଟ ଫର ମିଡ଼ିଆ ଷ୍ଟଡିଜ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ବାରା ଆୟୋଜିତ ଏହି କାର୍ଯ୍ୟକ୍ରମ ନଭେମ୍ବର ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଆଜିର ସମୟରେ ଡିଜିଟାଲ ଟେକ୍ନୋଲୋଜି , ମିଡ଼ିଆ ଓ ଡେମୋକ୍ରେସି ଭଳି ବିଷୟକୁ ନେଇ ଏହି କାର୍ଯ୍ୟକ୍ରମରେ ବିଶେଷ ଆଲୋଚନା ହୋଇଥିଲା । ଅଧିକ ପଢନ୍ତୁ

